ତହସିଲ କାର୍ଯ୍ୟାଳୟ ସବଡେଗା

ସଂଖ୍ୟା.୧୪୫୪ , ତାରିଖ. ୦୬.୦୭.୨୦୧୮

# ନିଲାମ ଇସ୍ତିହାର

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ସବଡେଗା ତହସିଲ ଅନ୍ତର୍ଗତ ନିମ୍ନ ଲିଖିତ ମାଛ ଘାଟ ଉତ୍ସ କୁ ଆର୍ଥିକ ବର୍ଷ ୨୦୧୮-୧୯ ପାଇଁ ଜଉମୁଦ ଦିଆ ଟେଣ୍ଡର ମାଧ୍ୟମରେ ତା: ୨୩.୦୭.୨୦୧୮ ରିଖ ପୁର୍ବାହ୍ନ ୧୧.୦୦ ଘଟିକା ସମୟରେ ତହସିଲ କାର୍ଯ୍ୟାଳୟ ରେ **MTA ର ପାରା - 53, 54 , 55, 56 ଓ 56(A)** ଅନୁଯାୟୀ ନିଲାମ କରାଯିବ । ଇଚ୍ଛୁକ ବ୍ୟକ୍ତି ନିଲାମ ରେ ଭାଗ ନେବାକୁ ଚାହିଁଲେ ତହସିଲ୍ କର୍ଯାଳୟରେ ମିଳୁଥିବା ନିର୍ଦ୍ଧାରିତ Form କୁ ଟ. ୧୦୦/- ( ଏକ ଶହ ) ରେ କିଣି ପୂରଣ କରି ଦାଖଲ କରି ପାରିବେ । ତତ୍ ସହିତ ନିମ୍ନରେ ଧାର୍ଯ୍ୟ କରାଯାଇଥିବା ସରକାରୀ ମୂଲ୍ୟ ଉପରେ ନିଜ ନିଜ ଇଚ୍ଛାଗତ ସର୍ବୋଚ୍ଚ ମୂଲ୍ୟ ଓ ସୈରାତ ଉତ୍ସର ନାମ ଉଲ୍ଲେଖ କରି ଜଉମୁଦ ଦିଆ ଲଫାଫା ରେ ତା: ୨୩.୦୭.୨୦୧୮ ରିଖ ୧.୦୦ ଟା ପୂର୍ବରୁ (ଛୁଟି ଦିନ ବ୍ୟତିତ) ନିମ୍ନ ସ୍ୱାକ୍ଷରକାରୀଙ୍କ କର୍ଯ୍ୟଳୟରେ ଦାଖଲ କରିବେ ଓ ସୈରାତ ଉତ୍ସର ସରକାରୀ ଧାର୍ଯ୍ୟ ମୂଲ୍ୟର ଶତକଡା ୧୦ ଭାଗ ଅମାନତ ମୂଲ୍ୟର ବ୍ୟାଙ୍କ ଡ୍ରାଫ୍ଟ ତହସିଲଦାର ସବଦଡେଗାଙ୍କ ସପକ୍ଷରେ (Draft payable at SBI, Subdega) ଓ ଟେଣ୍ଡର ଫାରମ କିଣା ରସିଦ ଟେଣ୍ଡର ଫାରମ ସହିତ ସଂଲଗ୍ନ କରିବେ, ନଚେତ୍ ଟେଣ୍ଡର ଫାରମ ବିଚାରଯୋଗ୍ୟ ହେବ ନାହିଁ । ନିଲାମ ଗ୍ରହିତା ନିଲାମ ପରେ ସେହିଦିନ ସମସ୍ତ ନିଲାମ ସ୍ୱିକୃତ ଟଙ୍କା ପୈଠ କରିବେ । ନିଲାମ ପରେ ସୈରାତ ଉତ୍ସ ପରିଚାଳନା ସମ୍ପର୍କରେ କୌଣସି ଆପତ୍ତି ଅଭିଯୋଗ ଗ୍ରହଣୀୟ ହେବ ନାହିଁ କିମ୍ବା କର୍ତ୍ତୃପକ୍ଷ ଏଥିପାଇଁ ଦାୟୀ ରହିବେ ନାହିଁ । ପୁନଶ୍ଚ ସର୍ବୋଚ୍ଚ ନିଲାମ ଧାରୀ ଓଡିଶା ରେଜିଷ୍ଟ୍ରେସନ ଆଇନ ୧୯୦୮ ଏବଂ ଓଡିଶା ଷ୍ଟାମ୍ପ ଆଇନ, ୧୮୯୯ ଅନୁଯାୟୀ ଆବଶ୍ୟକ ଚୁକ୍ତିପତ୍ର ନିଜ ଖର୍ଚ୍ଚରେ ସବ-ରେଜିଷ୍ଟ୍ରାର ସୁନ୍ଦରଗଡ ଙ୍କ ଠାରେ ସମ୍ପାଦନ କରିବେ ତଥା ସୈରାତ ଉତ୍ସର ସୁପରିଚାଳନା ନିମିତ୍ତ ସମସ୍ତ ସର୍ତ୍ତାବଳୀ ପାଳନ କରିବେ । ତତ୍ ସହିତ ନିଲାମଧାରୀ ନିଲାମ ମୂଲ୍ୟର ୨% (IT) Income Tax Act,1961 ର ଧାରା 906 (ଗ) ଅନୁଯାୟୀ TCS ଆକାରରେ ଦାଖଲ କରିବେ ଏବଂ ବିଜ୍ଞାପନ ଖର୍ଚ୍ଚ ମଧ୍ୟ ବହନ କରିବେ । କ୍ଷମତା ପ୍ରାପ୍ତ ଅଧିକାରୀ କୌଣସି କାରଣ ନ ଦର୍ଶାଇ ନିଲାମ କାର୍ଯ୍ୟ ବାତିଲ ବା ସ୍ଥଗିତ ରଖି ପାରିବେ । ପ୍ରଥମ ତାରିଖରେ ନିଲାମ ହୋଇ ନ ପାରିଲେ ଦ୍ୱିତୀୟ ଥର ପାଇଁ **ତା. ୩୦.୦୭.୨୦୧୮ ରିଖ** ଓ ତୃତୀୟ ଥର ପାଇଁ **ତା. ୦୬.୦୮.୨୦୧୮ ରିଖରେ** କରାଯିବ ।

ମାଛ ଘାଟ ଉତ୍ସର ବିବରଣୀ

| କ୍ର. ନଂ. | କେଶ ନଂ | ଉତ୍ସର ନାମ | ଖାତା ନଂ | ପ୍ଲଟ ନଂ | ଏରିଆ (ଏକର) | ସରକାରୀ ଧର୍ଯ୍ୟ ମୂଲ୍ୟ | ଧାର୍ଯ୍ୟ ମୂଲ୍ୟର ୧୦ ଭାଗ ଅମାନତ ମୂଲ୍ୟ |
|---|---|---|---|---|---|---|---|
| ୧ | 01/2018-19 | ରେବଡାମାଲ ମାଛ ଘାଟ | ୪୨ | ୪୬୩/ସ୍ମ | ଏ ୩୨.୪୦ | ୧୬୫୦୦.୦୦ | ୧୬୫୦.୦୦ |

6.7.18

ତହସିଲଦାର ସବଡେଗା

**TAHASILDAR**
**SUBDEGA**

6.7.18

ଜ୍ଞାପକ ସଂଖ୍ୟା.୧୪୪୪ ତା.     ୦୬.୦୭.୨୦୧୮

ଏହାର ଏକକିତା ନକଲ ସର୍ବସାଧାରଣଙ୍କ ବିଶେଷ ପ୍ରସାରଣ ଓ ଅବଗତି ନିମନ୍ତେ ଉନ୍ନୟନ ଅଧିକାରୀ, ସବଡେଗା / ସମସ୍ତ ସରପଞ୍ଚଙ୍କ କାର୍ଯ୍ୟାଳୟ, ସବଡେଗା ପଞ୍ଚାୟତ ସମିତି ଙ୍କ ଅବଗତି ଓ ନୋଟିସ ବୋର୍ଡରେ ଲଟକା ଜାରିପାଇଁ ପଠାଗଲା ।

ଏହାର ଏକକିତା ନକଲ ତହସିଲ କର୍ଯ୍ୟାଳୟ ନୋଟିସ ବୋର୍ଡ୍ ଓ ରାଜସ୍ୱ ନିରୀକ୍ଷକ ସବଡେଗା, କିରାଲଗା, ହମିରପୁର ଓ କରମଡିହି ଙ୍କ ଅବଗତି ଓ ନୋଟିସ ବୋର୍ଡରେ ଲଟକା ଜାରିପାଇଁ ପଠାଗଲା ।

ଏହାର ଏକକିତା ନକଲ ଉପଜିଲ୍ଲାପାଳ, ସଦର ସୁନ୍ଦରଗଡ / ଜିଲ୍ଲାପାଳ, ସୁନ୍ଦରଗଡଙ୍କ ଅବଗତି ନିମନ୍ତେ ପଠାଇ ଦିଆଗଲା ।

6.7.18
ତହସିଲଦାର, ସବଡେଗା
TAHASILDAR
06.07.18 SUBDEGA

# ନିଲାମର ସର୍ତ୍ତାବଳୀ

୧. ଯେ କୌଣସି ବ୍ୟକ୍ତି ଗୋଟିଏ ଉତ୍ସ କିମ୍ବା ତତୋଧିକ ଉତ୍ସ ନିଲାମରେ ଭାଗ ନେବାପାଇଁ ଇଚ୍ଛୁକ ଥିଲେ ପ୍ରତ୍ୟେକ ଉତ୍ସ ପାଇଁ ଅଲଗା ଅଲଗା ଜଉମୁଦା ଲଫାପାରେ ନିଲାମ ଦରଖାସ୍ତ ଦାଖଲ କରିବା ଦରକାର ।

୨. ଧାର୍ଯ୍ୟ ତାରିଖ ଓ ସମୟ ସିମା ମଧ୍ୟରେ ହସ୍ତଗତ ହୋଇଥିବା ସମସ୍ତ ଜଉମୁଦା ଲଫାଫାକୁ ତା: ୨୩.୦୭.୨୦୧୮ ରିଖ ଘ. ୧.୦୦ ସମୟରେ ଉପଜିଲ୍ଲାପାଳ ସଦର ସୁନ୍ଦରଗଡ କିମ୍ବା କ୍ଷମତାପ୍ରାପ୍ତ ଅଧିକାରୀଙ୍କ ସମ୍ମୁଖରେ ତହସିଲ କାର୍ଯ୍ୟାଳୟଠାରେ ଖୋଲାଯାଇ ନିଲାମ ଚୂଡାନ୍ତ କରାଯିବ ।

୩. ଜଉମୁଦା ଲଫାଫା ଖୋଲାଯିବା ସମୟରେ ନିଲାମ ଦରଖାସ୍ତ ପକାଇଥିବା ସମସ୍ତ ବ୍ୟକ୍ତି କିମ୍ବା ତାଙ୍କର କ୍ଷମତା ପ୍ରାପ୍ତ ପ୍ରତିନିଧି ଉପସ୍ଥିତ ରହିବେ ନଚେତ ଧାର୍ଯ୍ୟ ତାରିଖରେ ତାଙ୍କ ଅନୁପସ୍ଥିତିରେ ଜଉମୁଦା ଲଫାଫା ଖୋଲାଯାଇ ପାରିବ ନାହିଁ ।

୪. ଯେ କୌଣସି ନିଲାମ ଦରଖାସ୍ତର ସର୍ବୋଚ୍ଚ ଉଲ୍ଲେଖ ମୂଲ୍ୟକୁ ଗ୍ରହଣ କରିବାକୁ ନିଲାମ କର୍ତ୍ତୃପକ୍ଷ ବାଧ୍ୟ ନୁହନ୍ତି ଏବଂ କୌଣସି କାରଣ ନ ଦର୍ଶାଇ ନିଲାମକୁ ବାତିଲ କରିପାରିବେ ।

୫. ଜଉମୁଦା ଉପରେ ସୈରାତ ଉତ୍ସର ନାମ ଲେଖାଯାଇ ତହସିଲଦାର ସବଡେଗାଙ୍କ ଠିକଣା ଲେଲଖାହୋଇଥିବା ଦରକାର ।

୬. ନିଲାମ ଦରଖାସ୍ତ ପକାଉଥିବା ବ୍ୟକ୍ତିଙ୍କ ଉପରେ କୌଣସି ସରକାରୀ ଦେୟ ବକାୟା ଥିଲେ ତାଙ୍କର ନିଲାମ ଦରଖାସ୍ତ ବିଚାରକୁ ନିଅଯିବ ନାହିଁ ।

୭. ସୈରାତ ଉତ୍ସର ସରକାରୀ ଧାର୍ଯ୍ୟ ମୂଲ୍ୟର **( ଶତକଡା )** ୧୦% **ଭାଗ** ଅମାନତ ମୂଲ୍ୟର ବ୍ୟାଙ୍କ ଡ୍ରାଫ୍ଟ ତହସିଲଦାର ସବଡେଗାଙ୍କ ସପକ୍ଷରେ (Draft payable at SBI, Subdega) ଉଲ୍ଲେଖ ଥିବ ଓ ଟେଣ୍ଡର ଫାରମ କିଣା ରସିଦ ଟେଣ୍ଡର ଫାରମ ସହିତ ସଂଲଗ୍ନ ରହିବ । ତତ୍ ସହିତ ଭୋଟର ପରିଚୟ ପତ୍ରର ନକଲ ମଧ୍ୟ ଦାଖଲ କରିବେ ।

୮. ଯାହାଙ୍କ ନିଲାମ ମୂଲ୍ୟ ଗ୍ରହଣୀୟ ହେବ ସେ ନିଲାମ ନିଷ୍ପତ୍ତି ମୂଲ୍ୟର ସମସ୍ତ ଟଙ୍କା ସେହି ଦିନ ପୈଠ କରିବେ, ନଚେତ ଉକ୍ତ ଉତ୍ସକୁ ପୁନଃ ନିଲାମ କରାଯାଇ ତାଙ୍କର ଅମାନତ ଟଙ୍କା ବାଜ୍ୟାପ୍ତ କରାଯିବ ।

୯. ସୈରାତ ଉତ୍ସ ଗୁଡିକର ନିଲାମ MTA ର ପାରା - 53, 54 , 55, 56 ଓ 56(A) ରେ ଦର୍ଶାଯାଇଥିବା ନିୟମ ଦ୍ୱାରା ପରିଚାଳିତ ହେବ ।

୧୦. ନିଲାମଧାରୀ, ବିଜ୍ଞାପନ ଖର୍ଚ୍ଚ ମଧ୍ୟ ବହନ କରିବେ ।

6.7.18

ତହସିଲଦାର, ସବଡେଗା

06.07.18

# ତହସିଲ କାର୍ଯ୍ୟାଳୟ, ସବଡେଗା

## ସୁନ୍ଦରଗଡ

## ସୈରାତ ଉତ୍ସ ନିଲାମ ନେବାପାଇଁ ଫାରମ

| କ୍ର. ନଂ. | ବିଷୟ | ବିବରଣୀ |
| --- | --- | --- |
| ୧ | ଦରଖାସ୍ତକାରୀଙ୍କ ନାମ | |
| ୨ | ପିତାଙ୍କ ନାମ | |
| ୩ | ବର୍ତ୍ତମାନ ଡାକ ଠିକଣା | |
| ୪ | ସ୍ଥାୟୀ ଠିକଣା | |
| ୫ | ମୋକଦ୍ଦମା ସଂଖ୍ୟା | |
| ୬ | ସୈରାତ ଉତ୍ସର ନାମ | |
| ୭ | ସରକାରୀ ଧାର୍ଯ୍ୟ ମୂଲ୍ୟ | |
| ୮ | ଦରଖାସ୍ତକାରୀଙ୍କ ଇଚ୍ଛାଗତ ସର୍ବୋଚ୍ଚ ମୂଲ୍ୟ | |
| ୯ | ଫରମ କିଣା ଯାଇଥିବା ରସିଦ ସଂଖ୍ୟା ଓ ତାରିଖ | |
| ୧୦ | ବ୍ୟାଙ୍କ ଡ୍ରାଫ୍ଟ ସଂଖ୍ୟା ଓ ତାରିଖ | |

6.7.18

ଦରଖାସ୍ତକାରୀଙ୍କ ଦସ୍ତଖତ

06.07.18